# ମଦ ବିରୋଧୀ ଆନ୍ଦୋଳନ: ଏକ ତାତ୍ତ୍ୱିକ ବିଶ୍ଳେଷଣ ଓ ଏକ ପ୍ରସ୍ତାବ

**ସୁଭାଷ ଚନ୍ଦ୍ର ପଟ୍ଟନାୟକ**

ମଦ ବିରୋଧୀ ଆନ୍ଦୋଳନ ଉପରେ ଦୃକ୍‌ପାତ କରି ମୁଁ ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ କିଛିଦିନ ତଳେ ଲେଖିଥିଲି , 'ମଦ୍ୟପାନ ଓ ଧର୍ମାନୁଷ୍ଠାନ - ଉଭୟ ହିଁ ଏକ ଉତ୍ତମ ସମାଜ ଗଠନର ପରିପନ୍ଥୀ । ଅତଏବ ଏ ଉଭୟର ଅବସାନ ଆବଶ୍ୟକ' ।

ଏହା ଉପରେ ମୋର ବନ୍ଧୁମାନଙ୍କ ମଧ୍ୟରୁ ଶତକଡ଼ା ୦.୦୧ ବ୍ୟକ୍ତି ନକାରାତ୍ମକ ପ୍ରତିକ୍ରିୟା ରଖିଛନ୍ତି ଏବଂ ଯେଉଁମାନେ କୌଣସି ନକାରାତ୍ମକ ପ୍ରତିକ୍ରିୟା ରଖିନାହାନ୍ତି, ସେମାନେ ମୋ ମତ ସପକ୍ଷରେ ପସନ୍ଦ ଜାରି କରିଥିବା ପରିଲକ୍ଷିତ ହୋଇଛି ।

ଶତକଡ଼ା ମାତ୍ର ୦.୦୧ ବ୍ୟକ୍ତିଙ୍କ ନାପସନ୍ଦକୁ ବିଚାରକୁ ନ ନେବା କଥା । ମାତ୍ର ତହିଁ ଉପରେ ମୁଁ ଗୁରୁତ୍ୱ ଦେଉଛି ଏଇଥିପାଇଁ ଯେ, ଆମ ସମସ୍ତଙ୍କ ପକ୍ଷେ ଏହି ବିଭାବନା ପ୍ରଣିଧାନଯୋଗ୍ୟ ।

ଭାରତୀୟ ସମ୍ବିଧାନର ଉଦ୍ଦେଶ୍ୟ ଦୃଷ୍ଟିରୁ ବିଚାରିଲେ ମଦବିରୋଧୀ ଆନ୍ଦୋଳନ ଏକ ଯଥାର୍ଥ ଆନ୍ଦୋଳନ । ମାତ୍ର ଏହି ଉଦ୍ଦେଶ୍ୟକୁ ଲଙ୍ଘନ କରାଯାଉଛି, ଠିକ୍ ଯେମିତି  କୁସଂସ୍କାରମୟ ଧର୍ମୀୟ ପ୍ରସାରଣ ଚାଲିଛି ସମ୍ବିଧାନର ଉଦ୍ଦେଶ୍ୟକୁ ଅବଜ୍ଞା କରି ।

ଯେଉଁମାନେ ଧର୍ମାନୁଷ୍ଠାନ ସମାପନର ସପକ୍ଷବାଦୀ ନୁହନ୍ତି , ସେମାନେ ଯଦି ମଦ୍ୟପାନ ବିରୁଦ୍ଧରେ ଆନ୍ଦୋଳନ କରନ୍ତି , ବୁଝିବାକୁ ହେବ ଯେ ସେପରି ଆନ୍ଦୋଳନ ସଂପୂର୍ଣ୍ଣତଃ ସମାଜମାର୍ମିକ ନୁହେଁ । ତାହା ଯେ ସମାଜର ଅଧିକାଂଶ ଲୋକଙ୍କ ସ୍ୱାର୍ଥବିରୋଧୀ, ଏପରି ଆଶଙ୍କା ବି ଅମୂଳକ ହେବ ନାହିଁ ।

ଏହା କିପରି ତାହା ଜାଣିବାକୁ ହେଲେ , ପ୍ରଥମେ ଲୋକ ମଦ ପିଏ କାହିଁକି ତାହା ବୁଝିବାକୁ ହେବ । ଲୋକ ମଦପିଏ କେବଳ ନିଜର ହାରିହାରିଯାଉଥିବା ଅବବୋଧର ଯାତନାକୁ

କିୟତ କ୍ଷଣ ପାଇଁ ଅତିକ୍ରମ କରି ନିଜକୁ ନିଜେ ବିଜୟୀ ମନେକରିବାକୁ ଓ  ସେପରି ଏକ କଳ୍ପନାପ୍ରସୂତ ଆନନ୍ଦରାଜ୍ୟରେ କିଛିସମୟ ରାଜୁତି କରିବାକୁ । ଧର୍ମାନୁଷ୍ଠାନ ଯିବା ଓ ସେଠି ନିଜକୁ ସମର୍ପିତ କରିବା ମଧ୍ୟ ଠିକ୍ ଏହି କାରଣରୁ ହିଁ ଘଟିଥାଏ ।

ପୁଞ୍ଜିବାଦୀ ସମାଜ ବ୍ୟବସ୍ଥାରେ ଯିଏ ଯେତେ ନିର୍ଯ୍ୟାତିତ ସେ ସେତେ ପରିମାଣରେ ହିଁ ଏହି ହାରିହାରିଯାଉଥିବା ଅବବୋଧ ଦ୍ୱାରା ଆକ୍ରାନ୍ତ । ସୁତରାଂ ଆମ ଓଡ଼ିଶାରେ ଅଧିକାଂଶ ନିର୍ଯ୍ୟାତିତ ଲୋକେ ମଦ ପିଅନ୍ତି ବା ମନ୍ଦିର ଯାଆନ୍ତି ।

ମୋ ପରି ଅଳ୍ପ କିଛି ଲୋକ ଅଛନ୍ତି ଯେଉଁମାନେ ମଦ ପିଅନ୍ତି ନାହିଁ କି ମନ୍ଦିର ଯାଆନ୍ତି ନାହିଁ । ମନ୍ଦିର ଗଲେ ଯାଆନ୍ତି କେବଳ ତହିଁର ସାମାଜତାତ୍ତ୍ୱିକ ବିଶ୍ଳେଷଣ ପାଇଁ ।

ଏହି ବିଶ୍ଳେଷଣ ଦେଖାଏ ଯେ , ମନ୍ଦିର ପରି ଧର୍ମାନୁଷ୍ଠାନକୁ ଆସୁଥିବା ଲୋକେ ନିଜ ନିଜର ଦୁଃଖ ଓ ଦୁସ୍ଥିତି ପାଇଁ ନିଜ ନିଜ ଭାଗ୍ୟକୁ ଦାୟୀ କରନ୍ତି ନତୁବା ପ୍ରାରବ୍ଧ ଭାବେ କଥିତ ନିଜ କଳ୍ପିତ ପୂର୍ବଜନ୍ମର ପାପକୁ ଦାୟୀ କରନ୍ତି । ତେଣୁ ଶୋଷଣକାରୀମାନଙ୍କୁ ଏହା ସବୁଠୁ ବେଶୀ ସୁହାଏ ।

ଧର୍ମାନୁଷ୍ଠାନ ହେତୁ ଈଶ୍ୱରନିଷ୍ଠତାର ଏକ କଳ୍ପିତ ସୁଖବୋଧ ମଣିଷର ହୃଦୟରେ ଭରିଯାଏ । ତଦ୍ଦ୍ୱାରା ଦୁଃଖ କବଳରୁ ଶୋଷିତର କଳ୍ପିତ ସାମୟିକ ନିସ୍ତାର ଶୋଷଣକାରୀମାନଙ୍କୁ ନିରାପଦରେ ରଖେ ଓ ସେଥିପାଇଁ ଏହି କଳ୍ପିତ ସୁଖବୋଧକୁ ସ୍ଥାୟୀ କରାଇ ନିଜେ ସ୍ଥାୟୀଭାବେ ନିରାପଦ ରହିବାକୁ ସେମାନେ ଧର୍ମନିଶାକୁ ନିରନ୍ତର ଶକ୍ତିଶାଳୀ କରାଇବାକୁ ଚେଷ୍ଟା କରନ୍ତି । ଅପରପକ୍ଷେ ,  ସେହି ଲାଭଖୋର ଶୋଷଣକାରୀମାନେ ଭାଗ୍ୟବାଦର ଅନୁବର୍ତ୍ତୀ ନ ହେଉଥିବା ଶୋଷିତମାନଙ୍କର ହାରିହାରିଯାଉଥିବାର ଆତ୍ମଗ୍ଳାନୀକୁ ବି ନିଜର ବା ନିଜ ସଂପ୍ରଦାୟର ଲାଭ ଉପାର୍ଜନ ମାଧ୍ୟମରେ ରୂପାନ୍ତରିତ କରିବାକୁ ଚେଷ୍ଟା କରନ୍ତି । ସେମାନଙ୍କୁ ନିଶାସକ୍ତ କରି ଏହି ଲାଭ ଉପାର୍ଜନ କରାଯାଏ ; ଯେତେବେଳେ କି , ନିଶାସକ୍ତ ମଣିଷ ନିଶା ପ୍ରଭାବରେ ନିଜର ହାରିହାରିଯାଉଥିବା ଆତ୍ମଗ୍ଳାନୀ ଅତିକ୍ରମ କରି ଏକ କୃତ୍ରିମ ସୁଖ ଛାୟାରେ ବିଚରଣ କରେ । ଶୋଷଣକାରୀ ପୁଞ୍ଜିବାଦୀଙ୍କୁ ଏହିପରି ପରିବେଶ ଅତି ଆବଶ୍ୟକ । ସୁତରାଂ, ଧର୍ମୀୟନିଶାର ପ୍ରସାରକ ଭାବେ ଧର୍ମାନୁଷ୍ଠାନମାନଙ୍କର ଉପଯୋଗ ନ ହେବା ଉପରେ ଭାରତୀୟ ସମ୍ବିଧାନ ଗୁରୁତ୍ୱ ଦେଇଥିଲେ

ମଧ୍ୟ ତାହା ଯେପରି ହେଉନାହିଁ , ଠିକ୍ ସେମିତି ନିଶାମୁକ୍ତ ଭାରତ ସୃଷ୍ଟି ପାଇଁ ସମ୍ବିଧାନର ଗୁରୁତ୍ୱ ମଧ୍ୟ ବ୍ୟର୍ଥ ହୋଇ ହୋଇ ଚାଲିଛି ।

**ଧର୍ମାନୁଷ୍ଠାନକୁ ବିରୋଧ ନ କରି ମଦଦୋକାନକୁ କାହିଁକି ?**

ଏହା ସୁନିଶ୍ଚିତ ଯେ , ମଦଦୋକାନ ଓ ଧର୍ମାନୁଷ୍ଠାନ – ଏହି ଉଭୟର ବିଲୋପନରେ ହିଁ ଏକ ନୂତନ ଓ ଜନକଲ୍ୟାଣକାରୀ ଭାରତ ସୃଷ୍ଟି ହୋଇ ପାରିବ । କିନ୍ତୁ , ଧର୍ମାନୁଷ୍ଠାନକୁ ବିରୋଧ ନ କରି କେବଳ ମଦ ଦୋକାନକୁ ବିରୋଧ କରାଯିବାର କାରଣ କଣ?

କାରଣ ହେଲା , ଧର୍ମାନୁଷ୍ଠାନଗୁଡ଼ିକ ଶୋଷଣକାରୀମାନଙ୍କୁ ବେଶୀ ସହାୟକ । ଶୋଷିତ ଜନସମୁଦାୟ ନିଜ ଦୁସ୍ଥିତିପାଇଁ ଭାଗ୍ୟକୁ ଦାୟୀକରୁଥିବା ପର୍ଯ୍ୟନ୍ତ ଶୋଷଣକାରୀଏ ନିରାପଦ ଥିବେ । ସାଧାରଣ ଲୋକଙ୍କୁ ଭାଗ୍ୟବାଦ କବଳରେ ଚାପିରଖିବାପାଇଁ ଈଶ୍ୱରବିଶ୍ୱାସଠୁ ବଳି ବଡ଼ ହତିଆର କିଛି ନାହିଁ । ତେଣୁ , ଧର୍ମାନୁଷ୍ଠାନର ପ୍ରସାର ଓ ପ୍ରଭାବ ବିସ୍ତାର ଉପରେ ଗୁରୁତ୍ୱ ଦେଉଛନ୍ତି ଶୋଷଣକାରୀ ସଂପ୍ରଦାୟ , ଯାହାଙ୍କ ରାଜନୈତିକ ଅର୍ଥଶାସ୍ତ୍ର ହେଲା ପୁଞ୍ଜିବାଦ ।

ମଦ୍ୟାଶ୍ରୟୀ ଲୋକେ ଭାଗ୍ୟବାଦର ପାଲରେ ପଡ଼ିବା ସମ୍ଭବ ନ ହେଉଥିବା ହେତୁ, ଏବଂ ସେହିମାନଙ୍କ ଠାରୁ ଶୋଷଣ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମର ସମ୍ଭାବନା ଅଧିକ ଥିବା ହେତୁ, ପୁଞ୍ଜିବାଦର ସମର୍ଥକମାନେ ବା ପୁଞ୍ଜିବାଦକୁ ବିରୋଧ ନ କରୁଥିବା ଲୋକମାନେ ମଦ ବିରୋଧୀ ଆନ୍ଦୋଳନ ଭିଆଉଛନ୍ତି ବା ତାହାକୁ ସମର୍ଥନ କରୁଛନ୍ତି ।

ଲକ୍ଷ୍ୟ କରିବାର କଥା ଯେ , କୌଣସି ମଦବିରୋଧୀ ଆନ୍ଦୋଳନକାରୀ କୌଣସି ଧର୍ମାନୁଷ୍ଠାନ ବିରୁଦ୍ଧରେ ପାଟିଫିଟାଏ ନାହିଁ , କାରଣ ସେପରି କରିବା ପୁଞ୍ଜିବାଦ ବିରୁଦ୍ଧରେ ଯିବ ।

ପୁଞ୍ଜିବାଦୀ ଶାସନବ୍ୟବସ୍ଥାର କବଳରେ ପଡ଼ି ଆମ ସମାଜ ଏବେ ଶୋଷଣକାରୀଙ୍କ ଚରାଭୂଇଁରେ ପରଣତ ହୋଇଛି । ସରକାରୀ ତଥ୍ୟ ଅନୁସାରେ , ଓଡ଼ିଶାର ଅନ୍ୟୁନ୍ୟ ଦୁଇତୃତୀୟାଂଶ ପରିବାରର ଲୋକେ ଟଙ୍କିକିଆ ଚାଉଳ ଖାଇ ମନ୍ଥର ଅନାହାର ମୃତ୍ୟୁର ପାଲରେ ପଡ଼ିଛନ୍ତି । ଗୃହହୀନ ଓ ଜଙ୍ଗଲଜୀବୀ ଆଦିବାସୀମାନଙ୍କୁ ହିସାବକୁ ନେଲେ ସେମାନଙ୍କ ସଂଖ୍ୟା ଆହୁରି ଅଧିକ ହେବ ।

ଦିନ ଆସିବ ଏବଂ ଆସିବାକୁ ବାଧ୍ୟ , ଯେଉଁଦିନ ସେମାନେ ଜାଣିବେ ଯେ, ଅନାହାରରେ ବା ମଛର ଅନାହାରରେ ମରିବାକୁ ସେମାନେ ଜନ୍ମ ନୁହନ୍ତି । ମାତୃଭୂମିର ସଂପତ୍ତିରେ ଓ ସମସ୍ତ ଉତ୍ପାଦନ ମାଧ୍ୟମ ଉପରେ ସେମାନଙ୍କର ମଧ୍ୟ ଅଧିକାର ରହିଛି । ସେଦିନ ଆମ ଦେଶର ସଂପତ୍ତି ଉପରେ କତିପୟ ଲୋକଙ୍କ ଏକଚାଟିଆ ଅଧିକାର ଲୋପ ହୋଇଯିବ ଜନଜାଗୃତିର ଆଘାତରେ । ଏହି ଜନଜାଗୃତି ସାମ୍ୟବାଦ ମାଧ୍ୟମରେ ଆସିବ । କାରଣ ପୁଞ୍ଜିବାଦ, ଯାହା ହିଁ ବୈଷମ୍ୟବାଦ , ଲୋପ ହୋଇପାରିବ ତହିଁର ବିପରୀତ ପନ୍ଥା ମାଧ୍ୟମରେ, ଯାହାକୁ ସାରା ବିଶ୍ୱ କହେ ସାମ୍ୟବାଦ ।

ଏହି ସାମ୍ୟବାଦର ପଥ ରୁଦ୍ଧ କରିବାପାଇଁ, ବୈଷମ୍ୟବାଦୀମାନେ ମୁଖ୍ୟତଃ ଦୁଇଟି ଉପାୟ ଅବଲମ୍ବନ କରୁଛନ୍ତି । ପ୍ରଥମତଃ, ସାମ୍ୟବାଦର ତୀକ୍ଷ୍ଣ ତାରକାମାନଙ୍କୁ ସନ୍ତ୍ରାସବାଦୀ ବୋଲି ଅପପ୍ରଚାର କରି , ପୁଞ୍ଜିବାଦୀ ସରକାର ଦ୍ୱାରା ସେମାନଙ୍କୁ ହତ୍ୟାକରୁଛନ୍ତି, ଯଦିଓ ସେହିମାନଙ୍କ ପ୍ରଭାବ ଥିବା ଅଞ୍ଚଳମାନଙ୍କରେ ସ୍ୱତନ୍ତ୍ର ଯୋଜନା ଓ ସହାୟକ ରାଶି ଦ୍ୱାରା ଉନ୍ନତିବିଧାନପାଇଁ ଚେଷ୍ଟା କରି ସରକାର ସ୍ୱୀକାର କରୁଛନ୍ତି କି, ସେହି ତୀକ୍ଷ୍ଣ ସାମ୍ୟବାଦୀମାନେ ହିଁ ସେହି ନିଷ୍ପେଷିତ ଜନସମୁଦାୟର ମିଳିତ ସ୍ୱାର୍ଥର ପ୍ରକୃତ ପ୍ରହରୀ । ଦ୍ୱିତୀୟତଃ , ଧର୍ମର ଅଫିମଗୁଳା ଦେଇ ଶୋଷଣ ବିରୁଦ୍ଧରେ ନିଷ୍ପେଷିତ ମଣିଷର ସ୍ୱର ଅବରୁଦ୍ଧ କରିବାକୁ ଚେଷ୍ଟା କରୁଛନ୍ତି ।

ଆଦିବାସୀହରିଜନବହୁଳ ଅଞ୍ଚଳମାନଙ୍କରେ ବାବାଜୀମାତାଜୀମାନଙ୍କର ସଂଖ୍ୟାବୃଦ୍ଧିର କାରଣ ହେଉଛି ଏହାହିଁ । ଏହା ସତ୍ତ୍ୱେ , ପୁଞ୍ଜିପତିମାନଙ୍କ ଇପ୍ସିତ ଧର୍ମାନ୍ଧତା ବ୍ୟାପିପାରୁନି ସବୁ ନିଷ୍ପେଷିତଙ୍କ ମେଳରେ । ଈଶ୍ୱରଙ୍କ ପରି ମରିଚିକା ପଛରେ ଧାଇଁବା ଅପେକ୍ଷା ମହୁଲି ବା ଚାଉଳୀ ମଦ ଢ଼ୋକେ ଢ଼ୋକେ ପିଇ ଦୁଃଖ କଷ୍ଟ ଭୁଲିବାକୁ ପସନ୍ଦକରୁଛି ନିରନ୍ନ ନିଷ୍ପେଷିତ ମଣିଷ ।

ସେହିସବୁ ମଣିଷଠୁ ପୁଞ୍ଜିବାଦପାଇଁ ବିପଦ ଅଛି ସବୁଠାରୁ ଅଧିକ । ମଦ ପ୍ରଭାବରେ ଦୁଃଖ ନିର୍ଯ୍ୟାତନା ଭୁଲିଚାଲିଥିବା ମଣିଷ ଯେଉଁଦିନ ନିଜର ଅଧିକାର ଖୋଜିବ ସେହିଦିନ ସବୁ ସରକାରୀ ସୈନ୍ୟବଳ ସତ୍ତ୍ୱେ ଶେଷ ହୋଇଯିବେ ଶୋଷଣକାରୀ , ଯେମିତି ବିର୍ଶା ମୁଣ୍ଡା ବା ଲକ୍ଷ୍ମଣ ନାୟକ ବା ପାପଡ଼ାହାଣ୍ଡିର ସିଂହରଡ଼ିରେ ହଟିଯାଇଥିଲା ବ୍ରିଟିଶ ଏ ଦେଶ ମାଟିରୁ ସବୁ ପୋଲିସ ଫଉଜ ସତ୍ତ୍ୱେ ଅବଶେଷରେ ।

ମଦ କବଳରୁ ମେହନତୀ ମଣିଷ ଖସିଆସିଲେ , ନଗଦ ଆଶ୍ୱାସନାପାଇଁ ବାବାଜୀମାତାଜୀଙ୍କ

ପାଲରେ ପଡ଼ିବ ଏବଂ ଭାଗ୍ୟବାଦର ଇନ୍ଦ୍ରଜାଲରେ ଛନ୍ଦିହୋଇ ସବୁଦିନପାଇଁ ହୋଇଯିବ ପୋଷାମନା ଜୀବ । ଖାସ୍ ଏହି କାରଣରୁ ହିଁ ପୁଞ୍ଜିବାଦ ସପକ୍ଷବାଦୀ ବ୍ୟକ୍ତିମାନେ ଓ ପୁଞ୍ଜିବାଦକୁ ବିରୋଧ ନ କରୁଥିବା ବ୍ୟକ୍ତିମାନେ ଧର୍ମାନୁଷ୍ଠାନକୁ ବିରୋଧ ନ କରି, ମଦଦୋକାନକୁ ବିରୋଧ କରୁଛନ୍ତି । ମାତ୍ର ସବୁ ବିରୋଧ ସତ୍ତ୍ୱେ ମଦ ରହିବ ଓ ମଦ୍ୟପାନ ଚାଲିବ; ଯେହେତୁ ଧର୍ମାନୁଷ୍ଠାନ ନିଶ୍ଚିହ୍ନ ହେବାର ନାହିଁ ପୁଞ୍ଜିବାଦୀ ବ୍ୟବସ୍ଥାରେ ।

## ପ୍ରଦ୍ୟୁମ୍ନ ଶତପଥୀଙ୍କ ଆବିର୍ଭାବ

ଏହା ହିଁ ଯେତେବେଳେ ବାସ୍ତବତା , ସେତେବେଳେ ଗାନ୍ଧିବାଦୀ ପଦ୍ମଚରଣ ନାୟକ, ପ୍ରହଲ୍ଲାଦ ସିଂହଙ୍କ ପରି ଭଲମଣିଷମାନେ ମଦବିରୋଧୀ ଆନ୍ଦୋଳନ ଚଳାଇଥିଲାବେଳେ

ମୋର ଏକାନ୍ତ ପ୍ରିୟ ବନ୍ଧୁ , ସୁବାର୍ତ୍ତା ସଂପାଦକ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀଙ୍କ ପରି ବୈପ୍ଲବିକ ବ୍ୟକ୍ତିତ୍ୱଙ୍କର ଆବିର୍ଭାବ ଘଟିଲାଣି ମଦ ବିରୋଧୀ ମଞ୍ଚରେ । ଏବଂ, ତାଙ୍କ ସାଙ୍ଗକୁ ମୋର ଆଦରଣୀୟା ଝିଅ ତୁଲ୍ୟା ମଧୁମିତା ସାମଲ ମଧ୍ୟ ମଦ ବିରୁଦ୍ଧରେ ଉଠାଇଲେଣି ସ୍ୱର । ଏମାନଙ୍କ ପ୍ରତି ବ୍ୟକ୍ତିଗତ ସ୍ତରରେ ମୁଁ ଏତେ ଅନୁରକ୍ତ ଯେ, ଧର୍ମାନୁଷ୍ଠାନ ଓ ମଦଦୋକାନ ଉଭୟର ବିଲୋପନ ମୁଁ ଚାହୁଁଥିଲେ ମଧ୍ୟ ଏମାନଙ୍କ ବିରୁଦ୍ଧରେ ମୁଁ ଯାଇପାରିବି ନାହିଁ ; କାରଣ ଏମାନେ ସଂପୂର୍ଣ୍ଣ ମାନବବାଦୀ ମଣିଷ । ଖଟିଖିଆ ମଣିଷ ଓ ପୁଞ୍ଜିବାଦ – ଏ ଭିତରୁ ଯେ କୌଣସି ଗୋଟିକୁ ଆପଣାଇବାକୁ କହିଲେ , ଏମାନେ ଖଟିଖିଆ ମଣିଷକୁ ହିଁ ଆପଣାଇବେ । ଏମାନଙ୍କ ଭିତରେ କୌଣସି ଦୁରଭିସନ୍ଧି କଳ୍ପନା କରିବା ବି ମହା ପାପ ।

## ତେବେ କଣ କରାଯିବା ଉଚିତ?

ମୁଁ ଉପରେ ଯେଉଁ ଚର୍ଚ୍ଚା ରଖିଛି ତାହା ସ୍ପଷ୍ଟ କରେ ଯେ , ଧର୍ମାନୁଷ୍ଠାନ ଓ ମଦଦୋକାନ ଉଭୟ ହିଁ ହାନୀକାରକ । ଧର୍ମାନୁଷ୍ଠାନଗୁଡ଼ିକ ବିଲୋପିତ ନ ହୋଇ ମଦଦୋକାନଗୁଡ଼ିକୁ ଲୋପ କରାଯିବା ଦୁଃଖଦଗ୍ଧ ମନୋବ୍ୟଥାରୁ ମଣିଷର ନିସ୍ତାର ଖୋଜାର ଏକ ନିର୍ଭରଯୋଗ୍ୟ ମାଧ୍ୟମର ବିଲୋପନ

କରିବା ସହ ସମାନ । ତେଣୁ ମୋର ଏହି ପ୍ରିୟ ବନ୍ଧୁମାନେ ମୋର ନିମ୍ନୋକ୍ତ କିଛି ପ୍ରସ୍ତାବ ଉପରେ ଦୃଷ୍ଟିପାତ କରନ୍ତୁ ବୋଲି ମୁଁ ଚାହେଁ ।

୧- ଯେ କୌଣସି ଶିକ୍ଷାନୁଷ୍ଠାନ ଥିବା ଗ୍ରାମ ବା ସହରଠାରୁ ଅନ୍ୟୁନ୍ୟ ୫ କିଲୋମିଟର ପରିଧି ମଧ୍ୟରେ କୌଣସି ମଦ କାରଖାନା ବା ମଦଦୋକାନ ସ୍ଥାପନ ନିଷିଦ୍ଧ ହେଉ । ଅଫିମ ଓ ଗଞ୍ଜେଇ ପଟାଦାରୀ ପାଇଁ ବି ଏହି ଦୂରତା ବାଧ୍ୟତାମୂଳକ କରାଯାଉ ।
୨- ବିନା ପଞ୍ଜିକରଣରେ କୌଣସି ନିଶା କାରଖାନା ବା ଦୋକାନ ଚାଲିପାରିବ ନାହିଁ ବୋଲି ଭୟଙ୍କର ଦଣ୍ଡବିଧାନ ବ୍ୟବସ୍ଥା ଥାଇ ଆଇନ ପ୍ରବର୍ତ୍ତନ ହେଉ ।
୩- ପ୍ରତ୍ୟେକ ନିଶାସକ୍ତ ବ୍ୟକ୍ତି ନିଜକୁ ନିଜ ପସନ୍ଦର ନିଶାଦ୍ରବ୍ୟ ପାଇଁ ଆବଶ୍ୟକ କରୁଥିବା ପରିମାଣ ପାଇଁ ଚିହ୍ନଟ କରାଉ ଓ ସେହି ନିଶାପାଇଁ ଯେଉଁ ଆର୍ଥ ମୂଲ୍ୟ
ଦେବାକୁ ପଡ଼ିବ ତାହା କେଉଁସୂତ୍ରରୁ ସେ ଦେବେ ତାହା ଦର୍ଶାଇ ନିଜକୁ ତଦନୁଯାୟୀ ପଞ୍ଜିକୃତ କରିବା ଆଇନତଃ ବାଧ୍ୟତାମୂଳକ ହେଉ ।
୪- ଯେଉଁ ବ୍ୟକ୍ତି ନିଜ ନିଃସ୍ୱତା ହେତୁ ମଦ କିଣିବା ଅସମ୍ଭବ ଲୋ ନିଜ ଘରେ ମହୁଲା, ଚାଉଳୀ ବା ହାଣ୍ଡିଆ ପରି ମଦ ତିଆରି କରି ନିଜେ ହିଁ କେବଳ ବ୍ୟବହାର କରିବାକୁ ଅଧିକୃତ ହେବାପାଇଁ ରେଜେଷ୍ଟ୍ରିଭୁକ୍ତ ହୁଅନ୍ତୁ ଓ ତାହା ସଂପୃକ୍ତ ଅବକାରୀ ଅଫିସର ସରଜମିନ ତଦନ୍ତ କରି ମାଗଣାରେ ସମାହିତ କରନ୍ତୁ ।

ମୋର ବିଶ୍ୱାସ, ଏହି ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ବାଧ୍ୟ କରିବାକୁ ହିଁ ଆନ୍ଦୋଳନ ଅଭିପେତ ହେଲେ , ଜନସମର୍ଥନ ମିଳିବ ଓ ଏଥିରେ ରାଜି ହେବାକୁ ସରକାର ବେଧ୍ୟ ହେବେ ।